## ସଂକ୍ଷେପରେ

### ବିଦେଶୀ ମଦ ଜବତ



**ପରଜଙ୍ଗ, ୧୦।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୨ ପେଟି ଚୋରା ବିଦେଶୀ ମଦ ଜବତ କରାଯାଇଛି। ମଦ ଚାଲାଣରେ ବ୍ୟବହୃତ ପାସେଞ୍ଜର ଅଟୋରିକ୍ସା (ନଂ. ଓଡ଼ି ୩୫ ସି ୦୨୩୧) ଜବତ କରାଯାଇଛି। ଗାଡ଼ି ମାଲିକ ତଥା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କାଳିଆ ଭୂତିଆଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ କାଳିଆ ତାଳଚେର ଅଞ୍ଚଳରୁ ଉକ୍ତ ମଦ ଆଣି ସରାଙ୍ଗରେ ବିକ୍ରି କରିବାକୁ ଯୋଜନା କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପରଜଙ୍ଗ ଅବକାରୀ ଅଧିକାରୀ ଆରତି ମିଶ୍ର ଏବଂ କାମାକ୍ଷାନଗର ଅବକାରୀ ଏସ୍‌ଆଇ ସଦଳବଳ ଚଢ଼ାଉ କରିଥିଲେ।

### ନୂତନ କମାଣ୍ଡାଣ୍ଟଙ୍କ ଦାୟିତ୍ୱ ଗ୍ରହଣ



**ଢେଙ୍କାନାଳ ଅଫିସ, ୧୦।୬:** ଢେଙ୍କାନାଳ ସହର ଉପକଣ୍ଠ ସରଖିଆସ୍ଥିତ ଓଏସ୍‌ଏପି ପ୍ରଥମ ବାଟାଲିୟନର ନୂତନ କମାଣ୍ଡାଣ୍ଟ ଇନ୍‌ଚାର୍ଜ ଭାବେ ସୁନୀଲ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ କାର୍ଯ୍ୟରତ କମାଣ୍ଡାଣ୍ଟ ସୁଧୀର କୁମାର ବେହେରା ଏପ୍ରିଲ୍ ୩୦ରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଏଥିପୂର୍ବରୁ ସୁନୀଲ ସର୍ଜେଣ୍ଟ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ରିଜର୍ଭ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଷଷ୍ଠ ବାଟାଲିଆନ, ଛତ୍ରପୁରସ୍ଥିତ ଓଏସ୍‌ଏପି ଅଷ୍ଟମ ବାଟାଲିଅନ୍‌ରେ ଡେପୁଟି କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ନୂତନ କମାଣ୍ଡାଣ୍ଟଙ୍କୁ ପ୍ରଥମ ବାଟାଲିୟନ୍‌ର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

### ରଜ ମହୋତ୍ସବ ପ୍ରସ୍ତୁତି



**ପରଜଙ୍ଗ, ୧୦।୬(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଯାତ୍ରା ପଡ଼ିଆରେ ପ୍ରଥମ ରଜ ମହୋତ୍ସବ ପାଇଁ ଶୁକ୍ରବାର ଭୂମିପୂଜନ କରାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମା' ମଙ୍ଗଳା ଯାତ୍ରା କମିଟି ସଭାପତି ବିମଳ ସାହୁ, ଉପସଭାପତି ନଗେନ ସିଂଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳନ ହେବ। ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମରମଜା ନେଇପାରିବେ। ଓଲିଉଡ୍‌ର ଚର୍ଚ୍ଚିତ କଳାକାର ମନୋରଞ୍ଜନ କରିବେ। ଗ୍ରାମର ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଯୁବବର୍ଗ ବେଶ୍ ଉତ୍ସାହିତ ଅଛନ୍ତି।

# ପର୍ଯ୍ୟଟନସ୍ଥଳୀରେ ହେଉ ହସ୍ତଶିଳ୍ପ ପ୍ରଦର୍ଶନ ବଜାର



ମହୋତ୍ସବରେ ମନ୍ତ୍ରୀ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

- ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ
- ଢେଙ୍କାନାଳକୁ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଆହ୍ୱାନ
- କଳାକୃତି ଗ୍ରାମରେ ହେବ ୱାଟରପାର୍କ, ସୁଇମିଂପୁଲ୍

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳର ଇତିହାସ ଅନନ୍ୟ। ଗଡ଼ଜାତ ଆନ୍ଦୋଳନରେ ଏହି ଜିଲା ଦେଶବାସୀଙ୍କୁ ଆନ୍ଦୋଳିତ କରିଥିଲା। ଏଠାରେ ପର୍ଯ୍ୟଟନର ବିକାଶ ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି। ଏଥି ପାଇଁ ମୁଖ୍ୟମନ୍ତ୍ରୀ ୫୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅର୍ଥର ସୁବିନିଯୋଗ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଆଦିବାସୀ ଅଞ୍ଚଳର କଳାସଂସ୍କୃତିକୁ ଲୋକାଭିମୁଖୀ କରିବା ପାଇଁ ଉଦ୍ୟମ କରାଯାଉଛି। ଜିଲାର ଗ୍ରାମାଞ୍ଚଳର ହସ୍ତଶିଳ୍ପ ସମଗ୍ର ଦେଶରେ ପ୍ରସିଦ୍ଧ। ପର୍ଯ୍ୟଟନସ୍ଥଳୀରେ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ବଜାର ସୃଷ୍ଟି କରାଗଲେ କରିଗରମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ପର୍ଯ୍ୟଟନସ୍ଥଳୀର ବିକାଶ ହେବ ବୋଲି କହିଛନ୍ତି ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀସ୍ଥିତ କଳାକୃତି ଗ୍ରାମ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ 'ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ-୨୦୨୨'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏଭଳି ମତବ୍ୟକ୍ତ କରିଛନ୍ତି।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓର୍‌ମାସ, ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ସଂସ୍କୃତି ଏକ ବ୍ୟାପକ ଶବ୍ଦ, ଯାହାକୁ ବିଶ୍ଳେଷଣ କରିବା କଷ୍ଟକର। ଗ୍ରାମାଞ୍ଚଳରେ ପ୍ରସ୍ତୁତି ସାମଗ୍ରୀ କ୍ରୟ କଲେ ହସ୍ତଶିଳ୍ପର ଚାହିଦା ବଢ଼ିବ ଏବଂ କାରିଗରଙ୍କ ଉନ୍ନତି ହେବ। ଗ୍ରାମୀଣ ଅର୍ଥନୀତିର ବିକାଶ ହେଲେ ଢେଙ୍କାନାଳ ଜିଲା ୧ନଂ. ହେବ ବୋଲି ଏମ୍‌ପି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଏଲ୍. ଦିବ୍ୟା ଭି., ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି, କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ସଦର ବ୍ଲକ ଅଧକ୍ଷା ରାଜଶ୍ରୀ ନାୟକ ପ୍ରମୁଖ ଯୋଗଦେଇ ଜିଲାକୁ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ।

ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଢେଙ୍କାନାଳ କଳା ଓ କଳାକାରଙ୍କ ମାଟି। ଜିଲାରେ ୧୯ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି କାର୍ଯ୍ୟକ୍ଷମ ରହିଛି। ଏଥିରେ କାର୍ଯ୍ୟରତ ୨ଲକ୍ଷ ସଦସ୍ୟ ଜିଲାର ଅର୍ଥନୈତିକ ବିକାଶ ପାଇଁ ଆମର ବଳ। ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କଳାକୃତି ଗ୍ରାମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଠାରେ ଥିବା ୨୭ଟି ସ୍ଥାୟୀ ହସ୍ତଶିଳ୍ପ ଗୃହ ମଧ୍ୟରୁ ୧୩ଟିର ବଣ୍ଟନ କରାଯାଇଛି। କଳାକୃତି ଗ୍ରାମ ପରିସରରେ ଖାଲି ପଡ଼ିଥିବା ଜାଗାରେ ୱାଟରପାର୍କ ଏବଂ ସୁଇମିଂପୁଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି।

ଏହି ଅବସରରେ ଘୋଡ଼ାନାଚ କଳାକାର ପ୍ରଫୁଲ୍ଲ ଦଳେଇ, ଡୋକ୍ରା ହସ୍ତଶିଳ୍ପ ପ୍ରସ୍ତୁତକାରୀ ମା' ତୁଳସୀ ଏସ୍‌ଏଚ୍‌ଜିର ଲିଲି ବେହେରା, ପାଲାଗାୟକ ଦୁର୍ଗାଚରଣ ମହାପାତ୍ର, ହସ୍ତଶିଳ୍ପ କାରିଗର ପ୍ରଦୀପ ନାୟକ, ସଂକୀର୍ତ୍ତନ ଗାୟକ ଦୁର୍ଯ୍ୟୋଧନ ଜେନା, ପାଇକ ଆଖଡା କଳାକାର ପ୍ରକାଶ ଚନ୍ଦ୍ର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ଏବଂ ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିପୂର୍ବରୁ ପୂର୍ବାହ୍ନ ୮ଟାରେ ସପ୍ତଶଯ୍ୟାସ୍ଥିତ ମା' ଜେନାଦେଇ ଠାକୁରାଣୀଙ୍କ ପୀଠରୁ ସାଂସ୍କୃତିକ ଦଳକୁ ନେଇ ଏକ ମଶାଲ ଶୋଭାଯାତ୍ରା ବାହାରି କଳାକୃତି ଗ୍ରାମରେ ପହଞ୍ଚିଥିଲା। ଏଥିରେ ବହୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।



## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ସପ୍ତଶଯ୍ୟା ମହୋତ୍ସବ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ପ୍ରଦର୍ଶନ କରିଥିଲେ ଭଲିକି ଭଲି ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରିନ୍ସ ଡ୍ୟାନ୍ସଗ୍ରୁପ୍‌ର ଦେଶାତ୍ମବୋଧକ ନୃତ୍ୟସଙ୍ଗୀତର ଯୁଗଳବନ୍ଦୀ, ବରଗଡ଼ ସମେତ ଢେଙ୍କାନାଳ ଜିଲାର କଳାକାରଙ୍କ ପାରମ୍ପରିକ ନୃତ୍ୟରେ ଦୁଲୁକି ଉଠିଥିଲା ମଞ୍ଚ। ଓଲିଉଡ୍ ଅଭିନେତ୍ରୀ ସୁପ୍ରିୟା ମହୋତ୍ସବର ଅନ୍ୟତମ ଆକର୍ଷଣ ସାଜିଥିବାବେଳେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଭରପୂର ମଜା ଉଠାଇଥିଲେ ହଜାର ହଜାର ଦର୍ଶକ। ଶୋଭନା ମିଶ୍ର, ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ମହୋତ୍ସବ ଅବସରରେ ୪୦ ଷ୍ଟଲ୍ ମାଧ୍ୟମରେ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେଉଛି। ଏଥିସହ ଖାଦ୍ୟଷ୍ଟଲ୍ ମଧ୍ୟ ଖୋଲିଛି।





ଗଞ୍ଜାମର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ନୃତ୍ୟ।



ଜିଲାପାଳଙ୍କ ସହିତ ଅଭିନେତ୍ରୀ ସୁପ୍ରିୟା ଏବଂ କାର୍ଯ୍ୟକ୍ରମର ସଂଯୋଜିକା ଶୋଭନା।

# ଭାରିଯାନ ବଢ଼ାଉଛି ପ୍ରଦୂଷଣ

**ଭୁବନ, ୧୦।୬(ଡି.ଏନ୍.ଏ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ କାନଖାଇ ଗ୍ରାମଦେଇ ଦୈନିକ ଶତାଧିକ କ୍ରୋମାଇଟ୍ ବୋଝେଇ ଭାରିଯାନ ଚଳାଚଳ କରୁଛି। ଫଳରେ ପ୍ରଦୂଷଣ ଏବଂ ଦୁର୍ଘଟଣା ବଢୁଛି। ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଲାଣି। ଏହାର ପ୍ରତିବାଦରେ ଦୀର୍ଘଦିନ ଧରି କୁହୁଳିଥିବା ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେଇଛି। ଗୁରୁବାର ରାତିରେ ଗ୍ରାମବାସୀ ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଅଟକ ରଖିବା ସହ ଏହାର ପ୍ରତିବାଦ କରିଛନ୍ତି। ଏହାକୁ ନେଇ ଟ୍ରକ୍ ଡ୍ରାଇଭର, କର୍ମଚାରୀଙ୍କ ସହ ସେମାନଙ୍କ ବଚସା ହୋଇଥିଲା। ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଅଭିଯୋଗ ଅନୁଯାୟୀ, ରାତିରେ ଭାରିଯାନଗୁଡ଼ିକ ୫୩ନଂ. ଜାତୀୟ ରାଜପଥ ପରିବର୍ତ୍ତେ ଗାଁ ମଧ୍ୟ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଚଳାଚଳ କରୁଛି। ଦ୍ରୁତ ଗାଡ଼ିଚାଳନା ଯୋଗୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଧୂଳିଧୂଆଁ ଅଣନିଃଶ୍ୱାସୀ କରୁଛି। ଏହାକୁ ନେଇ ୬ମାସ ହେଲା ଗ୍ରାମବାସୀ ବିରୋଧ କରି ଆସୁଥିଲେ ମଧ୍ୟ କେହି ଭ୍ରୂକ୍ଷେପ କରୁନାହାନ୍ତି। ସମସ୍ୟା ବଢ଼ିବା ପରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଗ୍ରାମବାସୀ ୫୦ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍ ବୋଝେଇ ଗାଡ଼ି ଅଟକ ରଖିଥିଲେ। ଭୁବନ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ଗ୍ରାମବାସୀଙ୍କ ଦାବି ପୂରଣ କରାଯିବ ଏବଂ ଏଣିକି ୫୩ନଂ. ଜାତୀୟ ରାଜପଥ ଦେଇ ଟ୍ରକ୍ ଯାତାୟାତ କରିବ ବୋଲି ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲା। ଆଗାମୀ ଦିନରେ ଗ୍ରାମ ରାସ୍ତାଦେଇ ଭାରିଯାନ ଚଳାଚଳ କଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ଅନ୍ଦୋଳନ କରିବା ପରେ କ୍ରୋମାଇଟ୍ ବୋଝେଇ ଗାଡ଼ି ଅଟକି ରହିଛି।

### କ୍ରୋମାଇଟ୍ ବୋଝେଇ ଗାଡ଼ି ଅଟକାଇଲେ ଗ୍ରାମବାସୀ

# ବ୍ୟାଙ୍କ ସଖୀ ତାଲିମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଏବଂ ବ୍ୟାଙ୍କ ସଖୀମାନେ।

**ଢେଙ୍କାନାଳ ଅଫିସ୍, ୧୦।୬**

ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ଅଗ୍ରଣୀ ବ୍ୟାଙ୍କ ଦ୍ୱାରା ପରିଚାଳିତ ୟୁକୋ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ବୁଧବାରଠାରୁ ଆରମ୍ଭ ହୋଇଛି ବ୍ୟାଙ୍କ ସଖୀ ତାଲିମ କାର୍ଯ୍ୟକ୍ରମ। ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ନିଯୁକ୍ତି ହୋଇଥିବା ବ୍ୟାଙ୍କ ସଖୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଲ୍‌ଡିଏମ୍ ସନୋଜ କୁମାର ସିଂ, ୟୁକୋ ବ୍ୟାଙ୍କ ମ୍ୟାନେଜର ବରୁଣ ବିଶ୍ୱାଳ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁ, ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ମହିଳା, ଏସ୍‌ଏଚ୍‌ଜି କିପରି ବ୍ୟାଙ୍କ ସେବା ସୁବିଧାରେ ପାଇପାରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ପ୍ରଶିକ୍ଷିକା ସୁଚିତ୍ରା ଗଡ଼ନାୟକ, ଅଫିସ ସହାୟିକା କାଦମ୍ବରୀ ମହାକୁଡ଼, ପ୍ରଣବ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

**ଭୁବନ, ୧୦।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। କରୋନା କାରଣରୁ ଦୁଇବର୍ଷ ହେଲା ରଥଯାତ୍ରା ବନ୍ଦ ଥିଲା। ଚଳିତବର୍ଷ ଏହାକୁ ମହାଆଡମ୍ବରରେ ପାଳନ କରାଯିବ। ଏଥିଲାଗି ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

କମିଟି ସମ୍ପାଦକ ନିରଞ୍ଜନ ଗୁରୁ ପୂର୍ବ ବୈଠକର ବିବରଣୀ ଏବଂ ଚଳିତ ବର୍ଷ ରଥଯାତ୍ରା ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଦେବୋତ୍ତର ବିଭାଗ ସହାୟତାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିଲାଗି ଏକ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କୋଷାଧକ୍ଷ ପ୍ରଭାସ ସେନାପତି, ବରିଷ୍ଠ କର୍ମକର୍ତ୍ତା ଗୋପୀନାଥ ମହାନ୍ତି, ଦିଲୀପ ଦାସ, ସୁରେନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ରାଉତ, ମିଟି ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜସ୍ୱ ମତ ପ୍ରଦାନ କରିଥିଲେ।



ବୈଠକରେ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ।

# ପୁଣି ଧରାପଡ଼ିଲା ଧଳାଜହର

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ଜିଲାରେ ବ୍ରାଉନ୍‌ସୁଗାର ର୍‌ୟାକେଟ୍ ସକ୍ରିୟ ହୋଇଉଠିଛି। ସହରସ୍ଥିତ ରାମେଶ୍ୱରପୁର ରେଳଧାରଣା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ଗୋଦାମ ନିକଟରୁ ଶୁକ୍ରବାର ଟାଉନ ଥାନା ପୋଲିସ ୧୬ ଗ୍ରାମ ୭୦୦ ମିଲିଗ୍ରାମ ବ୍ରାଉନ୍ ସୁଗାର ଜବତ କରିଛି। ଏହି ଘଟଣାରେ ସ୍ଥାନୀୟ ବାଜିଚୌକ ଜୟଗୋପାଳ ସାହିର ରାହୁଲ କୁମାର ରାଉତ ଓରଫ ଜଗନ (୨୩), ରଗଡ଼ିସାହିର ଗଣେଶ ନାଥ (୨୫), ମୋଟଙ୍ଗା ଥାନା ବୁଢ଼ାପଙ୍କ ଗ୍ରାମର ସୌମ୍ୟରଞ୍ଜନ ଦାସ ଓରଫ ସମୀର (୨୭)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଏକ କଳାରଙ୍ଗର କାର (ନଂ. ଓଡି ୦୨ ବିସି ୮୯୫୪), ନଗଦ ୪୦ ହଜାର ୮୦୦ ଟଙ୍କା, ଏକ ମନିପର୍ସରୁ ୧,୩୨୦ ଟଙ୍କା, ୫ ମୋବାଇଲ, ୨ ଭରି ଓଜନର ସୁନା ଚେନ୍, ବ୍ରେସଲେଟ୍, ସୁନା ମୁଦି ଜବତ ହୋଇଛି। ଜବତ ବ୍ରାଉନ୍ ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୭୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଢେଙ୍କାନାଳରେ ବ୍ରାଉନ୍‌ସୁଗାର ଭଳି ନିଷିଦ୍ଧ ନିଶାର ଅବାଧ କାରବାର ବଢ଼ିବାରେ ଲାଗିଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀମାନେ ଯୁବପିଢ଼ିଙ୍କୁ ଟାର୍ଗେଟ କରୁଛନ୍ତି। ପୂର୍ବରୁ ଏକାଧିକ ଥର ଧଳାଜହର ଜବତ ହେବା ପରେ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଥିଲା। ରାମେଶ୍ୱରପୁର ରେଳଧାରଣା ନିକଟରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଯୋଜନା ଚାଲିଥିବା ସୂଚନା ମିଳିବା ପରେ ଏସ୍‌ପି ଏଲ୍. ଦିବ୍ୟା ଭି.ଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ନେତୃତ୍ୱରେ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ସୌଭାଗ୍ୟ ପାଣି ସଦଳବଳ ଚଢ଼ାଉ କରିଥିଲେ। ଏ ନେଇ ଟାଉନ ଥାନାରେ ନଂ. ୩୪୫/୨୨, ଦଫା ୨୧(ବି), ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ଧରାପଡ଼ିଥିବା ସମ୍ପୃକ୍ତ ୩ ଅଭିଯୁକ୍ତ ବ୍ରାଉନସୁଗାର ବ୍ୟବସାୟରେ ଲିପ୍ତ ଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।





ଗିରଫ ଅଭିଯୁକ୍ତ, ଜବତ କାର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ।

- ଢେଙ୍କାନାଳରେ ବ୍ରାଉନସୁଗାର ର୍‌ୟାକେଟ୍ ସକ୍ରିୟ
- ୧୬.୭୦୦ ଗ୍ରାମ ପାଉଡର ଜବତ, ୩ ଗିରଫ
- କାର, ସୁନା ଅଳଙ୍କାର, ମୋବାଇଲ, ଟଙ୍କା ଜବତ

ଧରିତ୍ରୀ
DHARITRI
ଶନିବାର, ୧୧ ଜୁନ୍, ୨୦୨୨



## ସଂକ୍ଷେପରେ

### ଛେଣ୍ଡିପଦାରେ ହାତୀ ଉପଦ୍ରବ

ଛେଣ୍ଡିପଦା,୧୦।୬(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ମାରୁଢିପ ସଂରକ୍ଷିତ ଜଙ୍ଗଲେ ରହୁଥିବା ହାତୀପଲଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ହାତୀପଲ ଦିନତମାମ ଜଙ୍ଗଲରେ ରହୁଥିବାବେଳେ ରାତିରେ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି। ଛେଣ୍ଡିପଦା ବ୍ଲକର ମାରୁଢିପ, ନୂଆଗାଁ, କଣଲୋଇ, କର୍ଣ୍ଣପାଳ, ଡଙ୍ଗାପାଳ, ଜରିପାଳ, ଖଇରବେରେଣୀ ଆଦି ଅଞ୍ଚଳରେ ପଶି ଫସଲ ଦଳିଚକଟି ନଷ୍ଟ କରୁଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଜରପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝି, ଭଗବାନ ମାଝି, କୁମର ସାହୁ, ଦ୍ୱାରିକା ରାଉଳ, ତପନ ମାଝି, ଚୈତନ୍ୟ ମାଝିଙ୍କ ଆମ୍ବ ବଗିଚାରେ ପଶି ବ୍ୟାପକ ଆମ୍ବଗଛ ଭାଙ୍ଗିବା ସହିତ ବହୁ କଦଳୀ ଗଛ ନଷ୍ଟ କରିଦେଇଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ତେବେ ବନବିଭାଗ ପକ୍ଷରୁ ହାତୀପଲ ରହୁଥିବା ନିକଟସ୍ଥ ଗ୍ରାମଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯିବା ସହ ହାତୀ ଘଉଡ଼ା ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି।

### ଚକ ନେଇ ଟ୍ରକ୍ ଛାଡ଼ି ପଳାଇଲେ

ଅନୁଗୋଳ ଅଫିସ, ୧୦।୬- ଅନୁଗୋଳ ଥାନା ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ (ନଂ. ଓଡି୧୯ ଜି-୩୦୬୯) ଚୋରି ହୋଇଛି। ଏ ନେଇ ଟ୍ରକ୍ ମାଲିକ ପ୍ରିୟବ୍ରତ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ସମୟରେ ଗାଡ଼ିଟିକୁ ତାଳଚେର ରସଲପୁରରୁ ଉଦ୍ଧାର କରିଛି। ତେବେ ଗାଡ଼ିର ଚାରୋଟି ଚକ ଦୁର୍ବୃତ୍ତମାନେ ଖୋଲି ନେଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଅମଲାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ପଛ ପାଶ୍ୱରେ ପ୍ରିୟବ୍ରତଙ୍କ ଘର। ତାଙ୍କ ଘର ସମ୍ମୁଖରେ ପ୍ରତ୍ୟେକ ଦିନ ଭଳି ଗୁରୁବାର ଗାଡ଼ି ରହିଥିଲା। ଶୁକ୍ରବାର ସକାଳେ ଗାଡ଼ି ନ ଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଜିପିଏସ୍ ଟ୍ରାକ୍ କରି ଟ୍ରକ୍‌ର ସନ୍ଧାନ ପାଇଥିଲା। ତୁରନ୍ତ ସେଠାକୁ ଯାଇଥିଲେ ମଧ୍ୟ ଗାଡ଼ିର ଚାରୋଟି ଚକ ଖୋଲି ନିଆଯାଇଥିବା ଦେଖିବାକୁ ପାଇଥିଲା।

### ରଜସଂକ୍ରାନ୍ତି ପୂଜା ପ୍ରସ୍ତୁତି

ଛେଣ୍ଡିପଦା,୧୦।୬(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ବିନ୍ଦୁ ସରୋବର ପଥରନାଳଠାରେ ଥିବା ଗିରିଗୋବର୍ଦ୍ଧନ ଠାକୁର ଓ ମା' ବନବାସିନୀଙ୍କ ପୀଠସ୍ଥଳରେ ଦେହୁରୀସାହିବାସୀଙ୍କ ସହଯୋଗରେ ଆସନ୍ତା ରଜ ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି କାର୍ଯ୍ୟ ଜନସାଧାରଣଙ୍କ ସହଯୋଗରେ ସମାପ୍ତ ହୋଇଛି। ତାଳଚେର ଓ କଣିହାଁ ବ୍ଲକ ସୀମାକୁ ଲାଗିଥିବା ଏହି ଠାକୁରାଣୀଙ୍କ ପୀଠସ୍ଥଳକୁ ଦୈନିକ ବହୁ ସଂଖ୍ୟକ ଭକ୍ତଙ୍କ ଆଗମନ ହୋଇଥାଏ। ଏଠାରେ ରଜ ସଂକ୍ରାନ୍ତି ଅବସରରେ ବିଶେଷ ପୂଜା ଅନୁଷ୍ଠିତ ହେବ। ତେଣୁ ଭକ୍ତମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ପୀଠ ସ୍ଥଳରେ ସମସ୍ତ ପ୍ରସ୍ତୁତି କରାଯାଇଛି। ତେବେ କୋଶଳା ଗ୍ରାମବାସୀଙ୍କ ସହଯୋଗରେ, କୋଶଳା ଦେହୁରୀ ସାହି ଜନସାଧାରଣଙ୍କ ପରିଚାଳନାରେ ଶାନ୍ତିଶୃଙ୍ଖଳାର ସହ ଉକ୍ତ ପୂଜା କରାଯିବା ପାଇଁ ନିବେଦନ କରାଯାଇଛି।

# ପୁନରୁଦ୍ଧାର ହେଲେ ମାଡ଼ନ୍ତା ପାଣି

ଛେଣ୍ଡିପଦା,୧୦।୬(ଡି.ଏନ.ଏ.)



- ଅଚଳ ଅବସ୍ଥାରେ ଘୁଡ଼ିଆନାଳୀ ଜଳସେଚନ ପ୍ରକଳ୍ପ
- ୨୦ ବର୍ଷ ହେଲା ଚାଷ ଜମିକୁ ମିଳୁନି ପର୍ଯ୍ୟାପ୍ତ ଜଳ
- ଛେଣ୍ଡିପଦା, ବାହାଲସାହି ଚାଷୀଙ୍କ ଅସନ୍ତୋଷ

କୁମ୍ଭୀରା ନାଳରେ ମାଟି ବନ୍ଧ ବାନ୍ଧି ଚାଷୀ ନିର୍ମାଣ କରିଥିଲେ ଘୁଡ଼ିଆନାଳୀ ଜଳସେଚନ ପ୍ରକଳ୍ପ। ପରେ ମାଟି ବନ୍ଧକୁ ପକ୍କା କରାଯାଇଥିଲା। ହେଲେ ୨୦୦୨ରେ ପ୍ରବଳ ବର୍ଷାରେ ପ୍ରକଳ୍ପର କିଛି ଅଂଶ ଧୋଇଯିବା ପରଠାରୁ ଏହା ଅଚଳ ଅବସ୍ଥାରେ ପଡ଼ିଛି। ଫଳରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୭ଶହ ହେକ୍ଟର ଜମିକୁ ଜଳ ମାଡ଼ିପାରୁ ନାହିଁ। ଦୀର୍ଘବର୍ଷ ହେଲା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ। ପ୍ରକଳ୍ପର ପୁନରୁଦ୍ଧାର କରାଗଲେ ପ୍ରାୟ ଏକ ହଜାର ଚାଷୀ ଉପକୃତ ହୋଇପାରନ୍ତେ।

ଛେଣ୍ଡିପଦା ବ୍ଲକର ବାହାଲସାହି ଓ ଛେଣ୍ଡିପଦା ପଞ୍ଚାୟତ ସୀମାନ୍ତ ଘୁଡିଆନାଳୀଠାରେ ରହିଛି ଏହି ଜଳସେଚନ ପ୍ରକଳ୍ପ। ଚାଷୀମାନଙ୍କ କହିବା ଅନୁଯାୟୀ, ୫୦ରୁ ଅଧିକ ବର୍ଷଧରି ଏହି ପ୍ରକଳ୍ପରୁ ଚାଷୀମାନେ ଉପକୃତ ହେଉଥିଲେ। ଛେଣ୍ଡିପଦା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଯୋଗୀ ଦେହୁରୀ ଚାଷୀ କରିଥିବା ମାଟି ବନ୍ଧକୁ ସିମେଣ୍ଟ ବନ୍ଧରେ ପରିଣତ କରିବାରୁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଏହି ପ୍ରକଳ୍ପରୁ ଦୀର୍ଘ ୧୨ କିଲୋମିଟର ଶାଖା କେନାଲ ନିର୍ମାଣ କରାଯାଇଥିଲା। ଛେଣ୍ଡିପଦା, ବାହାଲସାହି, ଗୋଳାଗାଡିଆ, ଗୋହିରାପଶି, ମାଝିସାହି, ଡାହିବର, ବଡବେରେଣା ଆଦି ଗ୍ରାମର ଚାଷୀମାନେ ରବି ଓ ଖରିଫ ଋତୁରେ ପ୍ରାୟ ୭୦୦ ହେକ୍ଟର ଜମିରେ ଚାଷ କରିପାରୁଥିଲେ। କିନ୍ତୁ ୨୦ ବର୍ଷ ହେବ ଏହି ଜଳସେଚନ ପ୍ରକଳ୍ପ ଅଚଳ ହୋଇଯାଇଥିବାରୁ ପ୍ରତିବର୍ଷ ଚାଷ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ପ୍ରକଳ୍ପରୁ ବାହାରିଥିବା ୧୨ କିଲୋମିଟର କେନାଲରେ ପାଣି ପ୍ରବାହିତ ହେଉ ନ ଥିବାରୁ କେଉଁଠି କେନାଲ ପୋତି ହୋଇଗଲାଣି ତ ଆଉ କେଉଁଠି ବନ୍ଧ ନଷ୍ଟ ହୋଇଗଲାଣି। ଏହାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରୁଥିଲେ ମଧ୍ୟ କୌଣସି ଦୃଷ୍ଟି ଦିଆଯାଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ମଧ୍ୟମ ଜଳସେଚନ ବିଭାଗ ଯନ୍ତ୍ରୀ ସନ୍ତୋଷ ବିଶ୍ୱାଳ କହିଛନ୍ତି, ଖୁଡିଆପଶିରେ ଥିବା ପ୍ରକଳ୍ପଟି ଦୀର୍ଘ ଦିନ ହେବ ଅଚଳ ଅବସ୍ଥାରେ ଅଛି। ତାହାକୁ ଜଳସେଚନ ବିଭାଗ ହାତକୁ ନେବା ସହ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ମଞ୍ଜୁରୀ ମିଳିବା ପରେ କାର୍ଯ୍ୟାରମ୍ଭ ହେବ।

#### ପ୍ରଶାସନ ପଦକ୍ଷେପ ନେଉନି



" ବର୍ଷା ପାଣିରେ ପ୍ରକଳ୍ପର ପାଚେରି ଭାସିଯିବାରୁ ଏହା ଅଚଳ ହୋଇପଡିଛି। ଛେଣ୍ଡିପଦା ଓ ବାହାଲସାହି ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। କିନ୍ତୁ ତାହା କେବଳ କଥାରେ ଅଟକି ରହିଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉନାହିଁ।

-ଅର୍ଜୁନ ଭୂତିଆ, ବାହାଲସାହି

#### ଅବହେଳାରୁ ଜମି ପଡ଼ିଆ



" ଗ୍ରାମବାସୀଙ୍କ ଉଦ୍ୟମରେ ନିର୍ମିତ ଏହି ପ୍ରକଳ୍ପ ୨୦୦୨ ମସିହା ବନ୍ୟାରେ ଭାଙ୍ଗି ଯାଇଥିଲା। ଦୀର୍ଘ ୨୦ ବର୍ଷ ହେଲା ଅଭିଯୋଗ କରାଯାଉଥିଲେ ମଧ କିଛି ସୁଫଳ ମିଳୁନାହିଁ। ଫଳରେ ୭୦ ପ୍ରତିଶତ ଚାଷ ଜମି ପଡିଆ ପଡ଼ିଛି।

-ସନ୍ତୋଷ ସାହୁ, ପୂର୍ବତନ ସରପଞ୍ଚ, ବାହାଲସାହି

#### କେନାଲ ପୋତି ହୋଇଗଲାଣି



" ଏହି ପ୍ରକଳ୍ପ ଦ୍ୱାରା ୧୦ଟି ଗ୍ରାମର ୧୦୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେଉଥିଲେ। କିନ୍ତୁ ପ୍ରକଳ୍ପରେ ଦୀର୍ଘଦିନ ହେବ ପାଣି ଆସୁ ନ ଥିବାରୁ କେନାଲଗୁଡିକ ଏବେ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର କରାଗଲେ ଚାଷୀ ଉପକୃତ ହୁଅନ୍ତେ।

-ଗୋଲେଖ ସାହୁ ,ଚାଷୀ

#### ପ୍ରକଳ୍ପର ସର୍ଭେ କରାଯାଇଛି



" ଏ ନେଇ ଛେଣ୍ଡିପଦା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନିକ ଅଧିକାରୀମାନେ ମଧ ଆସି ସର୍ଭେ କରିଛନ୍ତି।

-ବାନାମ୍ବର ମାଝି, ପଞ୍ଚାୟତ ବିଜେଡି ସଭାପତି

#### ତ୍ୱରିତ ପଦକ୍ଷେପ ନିଆଯିବ



" ଉକ୍ତ ପ୍ରକଳ୍ପ ଅଚଳ ହୋଇପଡ଼ିବା ସମ୍ପର୍କରେ କୌଣସି ଖବର ନାହିଁ। ଉକ୍ତ ସ୍ଥାନକୁ ଯାଇ ପରିଦର୍ଶନ କରିବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବ।

-ସଞ୍ଜୟ କୁମାର ଆଚାର୍ଯ୍ୟ, ବିଡିଓ,ଛେଣ୍ଡିପଦା

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର



ଛେଣ୍ଡିପଦା,୧୦।୬(ସ୍ୱ.ପ୍ର.)

ଛେଣ୍ଡିପଦା-ଦେବଗଡ ୧୫୩ ବି ଜାତୀୟ ରାଜପଥର ତେଲିବନ୍ଧ ନିକଟରେ ଶୁକ୍ରବାର ରାତି ୮ଟା ବେଳେ ଏକ ଦୁର୍ଘଟଣା ଘଟି ମାମୁରିଆ ଗ୍ରାମର ମନୋଜ ସାହୁଙ୍କ ମୃତ୍ୟୁ ହୋଇଛି। ମାମୁରିଆ ଗ୍ରାମର ସୁଶୀଲ ସାହୁ ଏବଂ ସମ୍ବଲପୁର ଜିଲା ଲେଭରାପାଳ ଥାନା ଗୋହିରାନାଳୀ ଗ୍ରାମର ସୀତାକାନ୍ତ ବିଶି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଲେଭରାପାଳ ଥାନା ସାଲେଭଟା ଗୋହିରାନାଳୀ ଗ୍ରାମର ସୀତାକାନ୍ତ ବିଶି ମୋଟର ସାଇକେଲରେ ଛେଣ୍ଡିପଦା ଆଡେ ଯାଉଥିବାବେଳେ ମାମୁରିଆ ଗ୍ରାମର ମନୋଜ ସାହୁ ଓ ସୁଶୀଲ ସାହୁ ଏକ ମୋଟର ସାଇକେଲରେ ମାମୁରିଆ ଆସୁଥିଲେ। ଏହି ସମୟରେ ତେଲିବନ୍ଧଠାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ୨ ବାଇକ୍‌ରେ ଥିବା ୪ଜଣ ରାସ୍ତା ଉପରେ ପଡ଼ିଥିବା ବେଳେ ଏକ ବାଲି ବୋଝେଇ ହାଇୱା ମନୋଜ ସାହୁଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ହୋଇଥିଲା। ସୁଶୀଲ ଓ ସୀତାକାନ୍ତଙ୍କୁ ଦମକଳ ବାହିନୀ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ମୃତ ମନୋଜଙ୍କ ପରିବାର ଓ ସମ୍ପର୍କୀୟମାନେ ଗ୍ରାମବାସୀଙ୍କ ସହ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ଜାରି ରଖିଛି।

## ୫-ଟି ସଚିବଙ୍କୁ ସାକ୍ଷାତ

ଛେଣ୍ଡିପଦା,୧୦।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଓ ଉପାଧ୍ୟକ୍ଷା ଝରଣା ସ୍ୱାଇଁ ଶୁକ୍ରବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଛେଣ୍ଡିପଦା ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ସହ କିପରି ସରକାରଙ୍କ ଲୋକାଭିମୁଖୀ ଯୋଜନାର ଲାଭ ସିଧାସଳଖ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେ ସମ୍ପର୍କରେ ସଚିବଙ୍କ ଠାରୁ ପରାମର୍ଶ ନେଇଛନ୍ତି। ମିଶନ ଶକ୍ତି ଓ ମହିଳାମାନଙ୍କ ପାଇଁ ହେଉଥିବା ସମସ୍ତ ଯୋଜନା ଉପରେ ଉନ୍ନତି କରିବା ପାଇଁ ସଚିବ ପରାମର୍ଶ ଦେଇଛନ୍ତି। ୫-ଟି ଦ୍ୱାରା ହେଉଥିବା କାର୍ଯ୍ୟକ୍ରମ ଉପରେ ନିଜେ ଯାଇ ସମୀକ୍ଷା କରିବା ସହ ଯେପରି ଉନ୍ନତମାନର କାର୍ଯ୍ୟ ହେବ ସେ ନେଇ ସଚିବ ପରାମର୍ଶ ଦେଇଥିବା ବ୍ଲକ ଅଧ୍ୟକ୍ଷା ସୂଚନା ଦେଇଛନ୍ତି।



୫-ଟି ସଚିବଙ୍କୁ ସାକ୍ଷାତ କରୁଛନ୍ତି ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା।

## ମସ୍ତ୍ୟ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ

ଅନୁଗୋଳ ଅଫିସ, ୧୦।୬

ଅନୁଗୋଳ ବଜାରରେ ଥିବା ମତ୍ସ୍ୟ ବ୍ୟବସାୟୀଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ମତ୍ସ୍ୟ ପ୍ରକ୍ରିୟାକରଣ ବିଭାଗ କୋଚିନ୍ କେରଳ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପକ୍ଷରୁ ଅୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳସ୍ଥିତ ମୁଖ୍ୟ ମତ୍ସ୍ୟ ବଜାରରୁ ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ବ୍ୟବସାୟୀ ଯୋଗଦେଇଥିବା ବେଳେ ମତ୍ସ୍ୟ ବିଜ୍ଞାନୀ ରଶ୍ମୀପ୍ରଭା ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡା. ମୋନାଲିସା ବେହେରା ଓ ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବଜାରରେ ଏବେ ବହୁଳ ଭାବେ ମାଛ ବିକ୍ରି କରାଯାଉଛି। ତେବେ ଏହି ମାଛ କାତି ଛଡ଼ାଇବାକୁ ସମୟ ଲାଗୁଛି। ତେଣୁ ମାଛ କାତି ଛଡ଼ାଇବାକୁ ଏକ ଯନ୍ତ୍ର ଏବେ ବଜାରକୁ ଆସିଛି। ଏହା ଦୁଇ ପ୍ରକାରରେ ଉପଲବ୍ଧ ହେଉଛି। ଗୋଟିଏ ହସ୍ତଚାଳିତ ଓ ଅନ୍ୟଟି ବିଦ୍ୟୁତ୍ ଚାଳିତ ରହିଛି। ଏହି ଦୁଇ ପ୍ରକାର ଯନ୍ତ୍ରରେ କିଭଳି ମାଛ କାତି ଛଡ଼ାଯିବ ସେ ନେଇ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ହସ୍ତଚାଳିତ ଯନ୍ତ୍ରରେ ମାତ୍ର ୩ରୁ ୫ ମିନିଟ୍ ମଧ୍ୟରେ ୫ କିଲୋଗ୍ରାମ ମାଛର କାତି ଛଡ଼ାଇ ହେବ। ସେହିଭଳି ବିଦ୍ୟୁତ୍ ଚାଳିତ ଯନ୍ତ୍ରରେ ୫ ମିନିଟ୍‌ରେ ୧୦ କିଲୋଗ୍ରାମ ମାଛରୁ କାତି ଛଡ଼ାଯାଇପାରିବ। ଏହାର ମୂଲ୍ୟ ୫ ହଜାରରୁ ଆରମ୍ଭ କରି ୧୫ ହଜାର ପର୍ଯ୍ୟନ୍ତ ରହିଛି ବୋଲି ମତ୍ସ୍ୟ ବିଜ୍ଞାନୀମାନେ ବ୍ୟବସାୟୀଙ୍କୁ ସୂଚନା ଦେଇଛନ୍ତି।




ବ୍ୟବସାୟୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ଅଶିକୋଶ କୁରାଳ ସମାଜ ଜରୁରୀ ବୈଠକ

ଅନୁଗୋଳ ଅଫିସ, ୧୦।୬

ଅନୁଗୋଳ ଅଶିକୋଶ କୁରାଳ ସମାଜର ଏକ ଜରୁରୀ ବୈଠକ ହାଟରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ସଭା ପାଇଁ ପ୍ରଥମେ ବୈଠକରେ ଆଲୋଚନା ହୋଇଥିଲା। ଏହି ସଭା ଆସନ୍ତା ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ୪୦ ଖଣ୍ଡ ଗାଁର ବେହେରାମାନେ ଉପସ୍ଥିତ ଥିଲେ। ତେବେ କୁରାଳମାନଙ୍କ ସମସ୍ୟାକୁ ନେଇ ଏହି ଅବସରରେ ଏକ ବିଶେଷ ଆଲୋଚନା ହୋଇଥିଲା। ହ୍ୟାଣ୍ଡିକେପ୍ ସ୍କିମ୍‌ରେ(ଟେରାକୋଟା) କାରିଗରଙ୍କ କୌଣସି ସ୍କିମ୍ ଲାଗୁ ହୋଇପାରୁ ନାହିଁ। ତେଣୁ ଏ ନେଇ ଅନୁଗୋଳରେ ଥିବା ଡିଆଇସି ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ତେବେ ଆଗାମୀ ଦିନରେ ସରକାର କିଭଳି ଉକ୍ତ ସ୍କିମକୁ କାର୍ଯ୍ୟକାରୀ କରିବେ, ସେ ନେଇ ଆଲୋଚନା ହୋଇଥିଲା। ସମାଜ ସଭାପତି ନୀଳକଣ୍ଠ ମୁଦୁଲି, ସମ୍ପାଦକ ପ୍ରମୋଦ ଚନ୍ଦ୍ର ରାଉଳ, ଉପଦେଷ୍ଟା ପ୍ରାଣବନ୍ଧୁ ମୁଦୁଲି ପ୍ରମୁଖ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁକଦେବ ବେହେରା, ଶୁକ୍ରୁ ରାଉଳ, ଦୁଃଖବନ୍ଧୁ ରାଉଳ, ୱାଲି ମୁଦୁଲି, ନବ ମୁଦୁଲି, ଅନୁରୋଧ ବେହେରା, ବିଦ୍ୟାଧର ବେହେରା, ସୁରେନ୍ଦ୍ର ରାଉଳ, ବିଚିତ୍ର ମୁଦୁଲି, ବିମ୍ବାଧର ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

## ସଫେଇ କାର୍ଯ୍ୟ ଉପରେ ଗୁରୁତ୍ୱ

ଆଠମଲ୍ଲିକ,୧୦।୬(ଡି.ଏନ.ଏ.)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣମଣ୍ଡପ ପରିସରରେ ବଡ଼ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପନଗରପାଳ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ସାନିଟାଇଜେଶନ ଏକ୍ସପର୍ଟ ବିଶ୍ୱରଞ୍ଜନ ପାଢ଼ୀ ଓ ଶୁଚିସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ସହରର ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହିତ ସଫେଇ କର୍ମଚାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। 'ସ୍ୱଚ୍ଛ ଆଠମଲ୍ଲିକ ସୁସ୍ଥ ଆଠମଲ୍ଲିକ' ସଚେତନତା ବାର୍ତ୍ତାକୁ ନେଇ ଏନ୍‌ଏସି ତରଫରୁ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀମାନଙ୍କୁ ସ୍ୱାଦିଷ୍ଟ ଭୋଜନ ଦେଇ ଆପ୍ୟାୟିତ କରାଯାଇଥିଲା। ସାନିଟାଇଜେଶନ ଏକ୍ସପର୍ଟ ପାଢ଼ୀ ଆଗକୁ ବର୍ଷାଦିନ ଆସୁଥିବାରୁ ସଫେଇ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବା ସହିତ କର୍ମଚାରୀମାନଙ୍କୁ ସଚେତନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

## ଚୋରା କେନ୍ଦୁପତ୍ର ଜବତ, ୨ ଗିରଫ



ଜବତ କେନ୍ଦୁପତ୍ର ସହ ଗିରଫ ୨ ଅଭିଯୁକ୍ତଙ୍କୁ ପୋଲିସ ହାଜର କରାଇଛି।

ଛେଣ୍ଡିପଦା, ୧୦।୬(ସ୍ୱ.ପ୍ର.)

ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ୧୪୦ ବଣ୍ଡଲ ଚୋରା କେନ୍ଦୁପତ୍ର ସହ ଏକ ଟାଟା ଏସିଇକୁ ଜବତ କରାଯାଇଛି। ଏଥିସହ ନିଶା ଶିଙ୍ଘାଞ୍ଚଳ ଥାନା ନିଶା ଗ୍ରାମର ସିପୁନ ନାଏକ (୨୨) ଓ ଅନୁଗୋଳ ଥାନା ଖଣ୍ଡହତା ଗ୍ରାମର ଜିତେନ୍ଦ୍ର ନାଏକ (୩୨)ଙ୍କୁ ଗିରଫ କରାଯାଇଛି। ଘଟଣାରୁ ପ୍ରକାଶ, ଜରପଡା ସେକ୍ସନ ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ସମେତ ହାତୀ ସ୍କ୍ୱାଡ୍ ଓ ବନ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଅନୁଗୋଳ -ସମ୍ବଲପୁର ୫୫ନଂ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ ବଇଣ୍ଡାରୁ ଜରପଡା ଆଡ଼କୁ ଆସୁଥିବା ଏକ ଟାଟା ଏସିଇ (ନଂ. ଓଆର୧୯ପି-୬୩୭୫)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ୧୪୦ ବଣ୍ଡଲ ଚୋରା କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା। ବନ ବିଭାଗ ତାହାକୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଜରପଡା ବନାଞ୍ଚଳ ରିପୋର୍ଟ ନଂ. ୭ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ୨ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ତଦନ୍ତ ଜାରି ରହିଥିବା ଫରେଷ୍ଟର ଶ୍ରୀନିବାସ ସାହୁ ସୂଚନା ଦେଇଛନ୍ତି।

## ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗିରଫ

ଛେଣ୍ଡିପଦା,୧୦।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଖମାର ଶାଖାର ପୂର୍ବତନ ମ୍ୟାନେଜର ନବ କିଶୋର ଧାରୁଆଙ୍କୁ ଗୁରୁବାର ଛେଣ୍ଡିପଦା ପୋଲିସ ଗିରଫ କରିଛି। ଖମାର ଶାଖା ଦାୟିତ୍ୱରେ ଥିବାବେଳେ ଜାଲିଆତି କରି ସେ ୧୬ ଲକ୍ଷ ୫୦ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଗିରଫ ପୂର୍ବତନ ମ୍ୟାନେଜରଙ୍କ ଘର ସମ୍ବଲପୁର ଜିଲା ଯୁଯୁମରା ପଡିଆବଡମାଲରେ।

ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି, ନବ କିଶୋର ୨୦୧୭-୧୮ ମସିହାରେ ଖମାର ଶାଖାରେ ମ୍ୟାନେଜର ଥିଲେ। ତେବେ ନିଜ କ୍ଷମତାର ଅପବ୍ୟବହାର ସହ କାଗଜପତ୍ର ଜାଲିଆତି କରି ସେ ନିଜ ନାମରେ ୧୫ ମାର୍ଚ୍ଚ ୨୦୧୮ରେ ୪ଲକ୍ଷ ୫୦ ହଜାର ଟଙ୍କା, ୩୦ ଏପ୍ରିଲ ୨୦୧୮ରେ ସମ୍ପର୍କୀୟଙ୍କ ନାମରେ ୧୦ ଲକ୍ଷ ଟଙ୍କା ଓ ୧୮ ଅଗଷ୍ଟ ୨୦୧୮ରେ ନିଜ ନାମରେ ୨ ଲକ୍ଷ ଟଙ୍କା ଲୋନ ମାଧ୍ୟମରେ ହଡ଼ପ କରିଥିଲେ। ପରବର୍ତ୍ତୀ ମ୍ୟାନେଜର ଭାବେ ସନ୍ଦୀପ ରଞ୍ଜନ ଦାସ ବ୍ୟାଙ୍କରେ ଯୋଗଦେବା ପରେ ଏହି ଜାଲିଆତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ୧୫ ଜୁନ ୨୦୧୯ରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଛେଣ୍ଡିପଦା ଥାନାରେ ନଂ.୧୯୪/୨୦୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ନବ କିଶୋରଙ୍କୁ ଧରିବାକୁ ବହୁ ଚେଷ୍ଟା କରାଯାଇଥିଲା। ହେଲେ ନବକିଶୋର ଫେରାର ଥିଲେ। ତେବେ ଗୁରୁବାର ଛେଣ୍ଡିପଦା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଯୁଯୁମରାସ୍ଥିତ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କୁ ଗିରଫ କରି ନିଆଯାଉଛି।

**ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ**

## ସଂକ୍ଷେପରେ

### ଗୁରୁତରଙ୍କୁ ସହାୟତା ପ୍ରଦାନ



**ବଇଣ୍ଡା,୧୦।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଗୁଣ୍ଡୁରିଖିଲି ଗାଁର ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ମାନସ ପ୍ରଧାନ କିଛିଦିନ ତଳେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତେବେ ଅର୍ଥାଭାବ ଯୋଗୁ ସେ ଠିକ୍ ଭାବେ ଚିକିତ୍ସିତ ହୋଇପାରି ନ ଥିଲେ। ଏ ସମ୍ପର୍କରେ ସାମାଜିକ ଗଣମାଧମରୁ ଜାଣି ସାମାଜିକ କର୍ମୀ ଚିନ୍ମୟୀ ଦାସ ଶୁକ୍ରବାର ମାନସଙ୍କ ଘରକୁ ଯାଇ ଭେଟିବା ସହ କିଭଳି ତାଙ୍କର ଚିକିତ୍ସା ହୋଇପାରିବ ସେ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଫୋନ ମାଧମରେ ଆଲୋଚନା କରିଥିଲେ। ପରେ ମାନସଙ୍କ ଆଶୁ ଆରୋଗ୍ୟ ନିମନ୍ତେ ଘର ଘର ବୁଲି ସହାୟତା ମାଗିଥିଲେ। ସଂଗୃହୀତ ହୋଇଥିବା ୭ ହଜାର ଟଙ୍କାକୁ ମାନସଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ସମସ୍ତେ କିଛି କିଛି ସାହାଯ୍ୟ କରିବା ପାଇଁ ଚିନ୍ମୟୀ ହାତ ଯୋଡି ଅନୁରୋଧ କରିଛନ୍ତି। ଏଥିସହିତ ଜିଲା ପ୍ରଶାସନ ନିକଟରେ ଏହି ସୂଚନା ପହଞ୍ଚାଇବେ ବୋଲି ଚିନ୍ମୟୀ କହିଛନ୍ତି।

### ଗଛ କାଟି ୨ ଗିରଫ

**କଣିହାଁ,୧୦।୬(ଡି.ଏନ.ଏ.):** କଣିହାଁ ବନାଞ୍ଚଳ ସଂରକ୍ଷିତ ଜଙ୍ଗଲରୁ ଶାଳ ଗଛ କାଟିବା ଅଭିଯୋଗରେ ଶୁକ୍ରବାର ୨ ଜଣଙ୍କୁ ଗିରଫ କରାଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, କୁଆଧରା ଗ୍ରାମର ପ୍ରହ୍ଲାଦ ଭୋଇ, ଭୋଳେଶ୍ୱର ଭୋଇ ବାଲିପଶି ପଞ୍ଚାୟତରେ ରହିଥିବା ସଂରକ୍ଷିତ ଜଙ୍ଗଲରୁ ଶାଳଗଛ କାଟିଥିଲେ। ବନବିଭାଗ ପାଟ୍ରୋଲିଂ ବେଳେ ଦୁହେଁ ଧରା ପଡ଼ିଥିଲେ। ଲକ୍ଷାଧିକ ଟଙ୍କାର କାଠ ଜବତ ହୋଇଛି। ଏ ନେଇ ନଂ. ୧୫ କେ ୨୦୨୨/୨୩ରେ ମାମଲା ରୁଜୁ ହୋଇଛି।

### ସ୍କୁଲ ନିର୍ମାଣ କାର୍ଯ୍ୟର ତଦାରଖ



**କଣିହାଁ,୧୦।୬(ଡି.ଏନ.ଏ.):** କଣିହାଁ ବ୍ଲକ ଶିପୁର ପଞ୍ଚାୟତକୁ ଗୁରୁବାର ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଗସ୍ତ କରିଥିଲେ। ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ବୁଝିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କର୍ଣ୍ଣପାଳଠାରେ ପଞ୍ଚାୟତର ନନ୍ଦ କିଶୋର ଉଚ୍ଚବିଦ୍ୟାଳୟରେ ସ୍ମାର୍ଟ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଥିଲେ। କାର୍ଯ୍ୟ ସମ୍ପାଦନା କରୁଥିବା ବ୍ୟକ୍ତି ଓ ନିର୍ମାଣ ଦାୟିତ୍ୱରେ ରହିଥିବା ପ୍ରମୁଖମାନଙ୍କୁ ଠିକ୍ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

### ଯୁବତୀଙ୍କୁ ବ୍ଲାକମେଲିଂ ଅଭିଯୋଗ

**ଅନୁଗୋଳ ଅଫିସ,୧୦।୬:** ଜଣେ ଯୁବତୀଙ୍କୁ ବ୍ଲାକମେଲିଂ କରାଯାଇଥିବା ନେଇ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୬/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ପୋଲିସ ମୁହଁ ଖୋଲିବାକୁ ମନା କରିଛି। ସୂଚନାଯୋଗ୍ୟ, ଅନୁଗୋଳ ଜିଲାର ସମ୍ପୃକ୍ତା ଯୁବତୀଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ ଯୁବକ ଜଣଙ୍କ ବିଭିନ୍ନ ସମୟରେ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହ ମୋବାଇଲରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ଯୁବତୀ ଜଣଙ୍କ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

### କ୍ରେନ୍ ଧକ୍କାରେ ଯୁବକ ଗୁରୁତର

**ବଁଅଁରପାଳ,୧୦।୬(ଡି.ଏନ.ଏ.):** ନାଲ୍କୋ ଥାନା ସିପିପି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଏକ କ୍ରେନ୍ ଧକ୍କାରେ କୁନା ବେହେରା ଗୁରୁତର ହୋଇଛନ୍ତି। ସେ ନିଜ ଗ୍ରାମ ଗିରାଙ୍ଗରୁ ଟାଉନଶିପ ଆଡ଼କୁ ଯାଉଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା କ୍ରେନ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।



# ଦୀର୍ଘବର୍ଷ ହେଲା ହୋଇନି ବାବୁମାନଙ୍କ ବଦଳି

**ଅନୁଗୋଳ ଅଫିସ, ୧୦।୬**



ଗୋଟିଏ ଚୌକିରେ ସରକାରଙ୍କ କୌଣସି କର୍ମଚାରୀ ଅଧିକ ବର୍ଷ ରହିପାରିବେ ନାହିଁ। ଏହା ହେଲେ ସ୍ୱଚ୍ଛତାରେ ବାଧା ଉପୁଜିବ। ତେଣୁ ଦୀର୍ଘବର୍ଷ ଧରି ଗୋଟିଏ ଚୌକିରେ ବସିଥିବା କର୍ମଚାରୀମାନଙ୍କୁ ବଦଳି କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏପରି କି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ କୁହାଯାଇଛି। କିନ୍ତୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉକ୍ତ ସରକାରୀ ନିର୍ଦ୍ଦେଶନାମାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। କାରଣ ଏଠାରେ କେଉଁ ବାବୁ ୧୦ ବର୍ଷ ରହିଲେଣି ତ ଆଉ କେଉଁ ବାବୁ ୩୧ ବର୍ଷ ଗୋଟିଏ ଚୌକିରେ ବସିସାରିଲେଣି। ହେଲେ ଏମାନଙ୍କୁ ବଦଳି କରିବାକୁ ସ୍ୱାସ୍ଥ୍ୟ ପ୍ରଶାସନ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଜଣେ ବାବୁ ୧୩ ବର୍ଷ ହେବ ଗୋଟିଏ ଚୌକିରେ ବସିଛନ୍ତି। ସେହିପରି ଅନ୍ୟ ଏକ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ବାବୁ ୧୯୯୧ରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛନ୍ତି। ଅନ୍ୟ ଜଣେ ୨୦୧୨ରୁ, ୨ଜଣ ୨୦୧୩ରୁ, ଜଣେ ୨୦୧୪ରୁ, ଆଉ ଜଣେ ୨୦୧୭ରୁ ଏଠାରେ ଗୋଟିଏ ଚୌକି ମାଡ଼ିବସିଥିଲେ ମଧ୍ୟ ବଦଳି ହେଉନାହିଁ। ଜିଲାରେ ଥିବା ୩ଟି ଉପଖଣ୍ଡ ଓ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କେତେଜଣ ଜୁନିୟର ଆସିଷ୍ଟାଣ୍ଟ ଓ ସିନିୟର ଆସିଷ୍ଟାଣ୍ଟ ଅନ୍ୟତ୍ର ବଦଳି ହୋଇଯିବାକୁ ଦୀର୍ଘ ଦିନ ହେବ ଆବେଦନ କରିଛନ୍ତି। କିଏ ପାରିବାରିକ ସମସ୍ୟା କାରଣ ଦର୍ଶାଇଛନ୍ତି ତ ଆଉ କିଏ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ବଦଳି ହେବାକୁ ଚାହୁଁଛନ୍ତି। କିନ୍ତୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନାହିଁ। ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଥିଲେ, ବଦଳି ଋତୁ ଆସିଲେ ଏମାନଙ୍କର ବଦଳି ହେବ। କିନ୍ତୁ କେବେ ବାବୁମାନଙ୍କୁ ଅନ୍ୟତ୍ର ପଠାଯିବ ତାହା ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପୂର୍ବରୁ କୋଭିଡ୍ ପାଇଁ ବଦଳି ହୋଇ ନ ଥିଲା। ଏବେ ବଦଳି ସିଜିନ୍ ଚାଲିଥିବାରୁ ସେମାନଙ୍କୁ ଖୁବ୍‌ଶୀଘ୍ର ବଦଳି କରାଯିବ।

**ଅନୁଗୋଳ ସ୍ୱାସ୍ଥ୍ୟ ପ୍ରଶାସନରେ ବିଚିତ୍ର ବ୍ୟବସ୍ଥା**

## ରିସାଇକେଲିଂ ପମ୍ପ୍ ହାଉସ ଉଦ୍‌ଘାଟିତ

**ବଁଅଁରପାଳ,୧୦।୬(ଡି.ଏନ.ଏ.)**

ନାଲ୍କୋ ମିନାବଜାର ପଡିଆଠାରେ ଶୁକ୍ରବାର ରିସାଇକେଲିଂ ପମ୍ପ୍ ହାଉସ ଉଦ୍‌ଘାଟିତ ହୋଇଯାଇଛି। ନାଲ୍କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଜିଏମ୍ ଏସ.ଏନ ସାହୁ, ଅଶୋକ ଦାସ, ସିପିପି ଜିଜିଏମ୍ ସରୋଜ ମିଶ୍ର, ସୁଧୀର ପଟ୍ଟନାୟକ, ଜିଜିଏମ୍ ପି.କେ. ବିଶ୍ୱାସ, ଏସ୍‌ଏମ୍ ଅଲ୍ଲି, ସୁଧୀର ପଟ୍ଟନାୟକ, ଡିଜିଏମ ଟି.ଟି. ମହାପାତ୍ର, ସିନିୟର ମ୍ୟାନେଜର ଶ୍ୟାମଘନ ବେହେରା, ସରୋଜ ଗଉଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱରେଜ ଟ୍ରିଟିମେଣ୍ଟ ପାଣିକୁ ପରିଷ୍କାର କରାଯାଇ ଏହାକୁ ଷ୍ଟାଡିୟମ୍, ବିଭିନ୍ନ ପାର୍କ, ସ୍କୁଲ ବଗିଚାରେ ବ୍ୟବହାର କରାଯିବ। ଟାଉନଶିପର ବିଭିନ୍ନ ସ୍ଥାନରେ ଏଥିପାଇଁ ପାଇପମାନ ଖଞ୍ଜା ଯାଇଛି।



ମୁଖ୍ୟ ଅତିଥି ପମ୍ପ ହାଉସ୍ ଉଦ୍‌ଘାଟନ କରୁଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ପାଲଲହଡା,୧୦।୬(ଡି.ଏନ.ଏ.)**

ପାଲଲହଡା ପଞ୍ଚାୟତ ସମିତି ସଭାଗୃହଠାରେ ଶୁକ୍ରବାର ନୂତନ ହିତାଧିକାରୀଙ୍କୁ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଭତ୍ତା ବଣ୍ଟନ କରିଛନ୍ତି। ୨୬୭ ଜଣ ନୂତନ ଭତ୍ତା ପାଇବା ପାଇଁ ସ୍ଥିର ହୋଇଥିବାବେଳେ ବିଧାୟକଙ୍କ ଦ୍ୱାରା ୬୮ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ନିଜିଗଡ଼ ପଞ୍ଚାୟତରୁ ୧୯ଜଣ, ଡିମିରିଆ ପଞ୍ଚାୟତରୁ ୧୯, ବନ୍ଧାଭୂଇ ପଞ୍ଚାୟତରୁ ୬, ଝାରବେଡା ପଞ୍ଚାୟତରୁ ୯, ବାଲିପଶି ପଞ୍ଚାୟତରୁ ୨, ଚଷା ଗୁରୁଜାଙ୍ଗ ପଞ୍ଚାୟତରୁ ୬, ନମ୍ପସି ପଞ୍ଚାୟତରୁ ୭ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ପାଲଲହଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

## ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

**ବଇଣ୍ଡା,୧୦।୬(ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରୁ ଆଠମଲ୍ଲିକ ପୋଲିସ ଗୁରୁବାର ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସୁରୁଣ୍ଡି ଗ୍ରାମର ସୀତା ବେହେରା (୧୮)। ପୋଲିସ କହିଛି, ସୀତା ତାଙ୍କ ଘର ପଛ ପଟକୁ ଯାଉଥିବାବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟଠାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଠମଲ୍ଲିକ ପୋଲିସ ପହଞ୍ଚି ତାଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ପୁଣି ଆରମ୍ଭ

**ଅନୁଗୋଳ ଅଫିସ,୧୦।୬**

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଏହି କାମ ନେଇଥିବା ଠିକାସଂସ୍ଥା ଗାୟତ୍ରୀ କନଷ୍ଟ୍ରକଶନ ଦେବାଳିଆ ହୋଇଯିବା ପରେ କାମ ଅଟକି ରହିଥିଲା। ଏବେ ସବ୍-କଣ୍ଟ୍ରାକ୍ଟ ଜରିଆରେ ଅନ୍ୟ ଠିକା ସଂସ୍ଥା ଦ୍ୱାରା କାମ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ମେସର୍ସ ଏମ୍‌ଏସ୍ ଇନଫ୍ରା ଇଞ୍ଜିନିୟରିଂ ସଂସ୍ଥା କଟକ-ଅନୁଗୋଳ ପ୍ୟାକେଜ-୧ କାମ ନେଇଥିଲାବେଳେ ଏ ଭିତରେ କାମ ଆରମ୍ଭ ହୋଇଛି। ସେହିପରି କଟକ-ଅନୁଗୋଳ ପ୍ୟାକେଜ-୨ର ପ୍ରଶସ୍ତୀକରଣ କାମ ଗାୟତ୍ରୀ ସଂସ୍ଥା କରିବା ନେଇ ଅକ୍ଷମତା ପ୍ରକାଶ କରିଛି। ତେଣୁ ଏହି କାମର ସବ୍-କଣ୍ଟ୍ରାକ୍ଟ ମି/ଏସ୍ ସିପି ଆରୋରା ଇଞ୍ଜିନିୟରିଂକୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଟୁଇଟ୍ କରି ଅବଗତ କରାଯାଇଛି। ଏଥିପାଇଁ ୫.୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲାବେଳେ ଏ ଭିତରେ କାମ ଆରମ୍ଭ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସେହିପରି ଅନୁଗୋଳ ସହର ଦେଇ ଯାଇଥିବା ଜାତୀୟ ରାଜପଥ ଅନ୍ତର୍ଗତ ବଁଅଁରପାଳ-ପଞ୍ଚମହଲା ରାସ୍ତାର ମରାମତି କାର୍ଯ୍ୟ ଗତ ୧୨ ତାରିଖରୁ ଚାଲିଛି। ଜୁନ ଶେଷ ସୁଦ୍ଧା ଏହା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଇତିମଧ୍ୟରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆ ଠିକା ସଂସ୍ଥାକୁ କାର୍ଯ୍ୟ ଦିଆଯିବା ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଜାତୀୟ ରାଜପଥ ନିର୍ମାଣ ଠିକା ନେଇଥିବା ସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟସ୍ ନିର୍ମାଣ କାମ ଆରମ୍ଭ କରିବାକୁ ୧୫ ଦିନ ସମୟ ମାଗିଥିଲା। କୋଭିଡ୍ ଯୋଗୁ ପାଣ୍ଠି ସମସ୍ୟା ସୃଷ୍ଟି ହୋଇଛି। ରାସ୍ତା କାମ ଆରମ୍ଭ କରିବା ପାଇଁ ଏବେ ଅର୍ଥାଭାବ ରହିଛି। ପାଣ୍ଠି ଯୋଗାଡ଼ ପାଇଁ ଚେଷ୍ଟା ଚାଲିଛି ବୋଲି ଗାୟତ୍ରୀ ଠିକା ସଂସ୍ଥା ଦର୍ଶାଇଥିଲା। କିନ୍ତୁ ଅବଧି ସରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ନ କରିବାରୁ ତାକୁ କାର୍ଯ୍ୟରୁ ବିଦା କରାଯାଇଛି। ତେବେ ଏନ୍‌ଏଚ୍-୫୫ର ଢେଙ୍କାନାଳରୁ ଅନୁଗୋଳ ପ୍ୟାକେଜ-୨ କାର୍ଯ୍ୟ ଆରୋରା ଇଞ୍ଜିନିୟରିଂକୁ ପ୍ରଦାନ କରାଯାଇଛି। ଏବେ ବାଇପାସ କାର୍ଯ୍ୟ ଖୁବ୍‌ଶୀଘ୍ର ହେବ ବୋଲି ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା,୧୦।୬(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୁତୁଲିସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ବଜରଙ୍ଗବାଲି ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାମୁଡୋଲି ସରପଞ୍ଚ ପ୍ରଭାକର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୁହାସିଂହା ସରପଞ୍ଚ ସୁଦର୍ଶନ ଗାଇଗରିଆ, ସମିତିସଭ୍ୟ ଅନିତା ଦେହୁରୀ, ଅଖିଳ ପ୍ରଧାନ, ଟ୍ରଷ୍ଟ ସଭାପତି କେଶବ ଚନ୍ଦ୍ର ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, କଲ୍ୟାଣ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳରୁ ଯୁବତୀଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସୁନୀଲ କୁମାର ପଣ୍ଡା ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଆଠମଲ୍ଲିକ ବ୍ଲଡ୍ ବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

## ନାଲ୍କୋ ପକ୍ଷରୁ ୧୨୫୦ ଚାରା ରୋପଣ

**ବଁଅଁରପାଳ,୧୦।୬(ଡି.ଏନ.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ନାଲ୍କୋ ପକ୍ଷରୁ ନାଲ୍କୋ ପାଉଁଶ ପୋଖରୀ ନିକଟରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଲ୍କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଜିଏମ୍ ଏସ.ଏନ ସାହୁ, ସିପିପି ଜିଜିଏମ୍ ସରୋଜ ମିଶ୍ର, ସୁଧୀର ପଟ୍ଟନାୟକ, ସ୍ମେଲଟର ଜିଜିଏମ୍ ଏସ୍.ଏମ୍ ଅଲ୍ଲି, ଜିଜିଏମ୍ ପ୍ରଭାତ କୁମାର ବିଶ୍ୱାସ ଓ ଡିଜିଏମ୍ ରାଜାରାମ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶାଗୁଆନ, ଚାକୁଣ୍ଡା ସମେତ ବିଭିନ୍ନ ପ୍ରକାର ମାଟ୍ ୧୨୫୦ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ବିନୋଦ ସାମଲ, ମନୋଜ ସ୍ୱାଇଁ, ସ୍ୱରୂପ ଗଡନାୟକ, ପ୍ରକାଶ ସିଂ, ପ୍ରସନ୍ନ କୁମାର ସାହୁ, କେଦାରନାଥ ଦେହୁରୀ, ବନବିହାରୀ ନାୟକ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ୟାନ ବିଭାଗ ଅଧିକାରୀ ୟୁ. କେ. ମହାରଣା ଓ ପି.କେ. ମଲିକ ପରିଚାଳନା କରିଥିଲେ। ନାଲ୍କୋ ପକ୍ଷରୁ ଅନୁଷ୍ଠିତ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।




ନାଲ୍କୋ ଇଡି ଚାରା ରୋପଣ କରୁଛନ୍ତି।

## ସାଙ୍ଗଠନିକ ବିଷୟରେ ଆଲୋଚନା



ବୈଠକରେ ଉପସ୍ଥିତ ସମାଜର ସଦସ୍ୟମାନେ।

**କଣିହାଁ,୧୦।୬(ଡି.ଏନ.ଏ.)**

କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ମା ଲୁଧୁଣୀ ମନ୍ଦିରଠାରେ କଣିହାଁ ମଣ୍ଡଳ କେଉଟ ସମାଜର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଲମ୍ବୋଦର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କେଉଟ ସମାଜ ରାଜ୍ୟ ସଭାପତି ଅକ୍ରୂର ସାହୁ ଓ ସମ୍ପାଦକ ଘନଶ୍ୟାମ ବେହେରା ବୈଠକରେ ଯୋଗଦେଇ ସାଙ୍ଗଠନିକ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ନିଜ ସମାଜର ସରପଞ୍ଚ ଭାବେ ନବ ନିର୍ବାଚିତ ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, କମରେଇ ସରପଞ୍ଚ ସୌଭାଗିନୀ ବେହେରାଙ୍କୁ ସଙ୍ଗଠନ ତରଫରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସର୍କଲ ସଭାପତି ସ୍ୱର୍ଗତ ଭାଗ୍ୟଧର ବାରିକଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା କରାଯାଇଥିଲା। କଣିହାଁ ମଣ୍ଡଳ ସମ୍ପାଦକ ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଣବତ୍ତା ବଜାୟ ରଖିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୧୦।୬**

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ସଡ଼କର ନିର୍ମାଣ, ମରାମତି ଓ ଏହାର ସୁରକ୍ଷାକୁ ନେଇ ସଂସଦୀୟ ନିର୍ବାଚନମଣ୍ଡଳୀ କମିଟିର ଏକ ବୈଠକ ଗୁରୁବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ରାସ୍ତାର ମରାମତି ସମ୍ପର୍କରେ ଆଲୋକପାତ କରିଥିଲେ। ରାସ୍ତା ନିର୍ମାଣ ଓ ମରାମତି ଦାୟିତ୍ୱରେ ଥିବା ଏଜେନ୍ସିମାନଙ୍କୁ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ନେଇ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅତି ସମ୍ବେଦନଶୀଳ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ପାରଦର୍ଶୀ କରିବା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସ ଅଧିକାରୀଙ୍କ ମିଳିତ କାର୍ଯ୍ୟକୁ ନିୟମିତ ସମୀକ୍ଷା କରିବା ପାଇଁ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରାସ୍ତାରେ ଦୁର୍ଘଟଣା କିପରି ରୋକାଯାଇପାରିବ, ଦୁର୍ଘଟଣାଗ୍ରସ୍ତଙ୍କୁ ଗୋଲଡେନ୍ ଆୱାର ମଧ୍ୟରେ ଡାକ୍ତରଖାନାରେ କିପରି ପହଞ୍ଚାଯିବ, ମରାମତି ଓ ନିର୍ମାଣ କାର୍ଯ୍ୟରେ ଗୁରୁତ୍ୱ ଦିଆଯିବ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ବିଭାଭଞ୍ଜନ ସାମନ୍ତସିଂହାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକଙ୍କ ସମେତ ରାସ୍ତା ନିର୍ମାଣ ଓ ମରାମତି ଦାୟିତ୍ୱରେ ଥିବା ଏଜେନ୍ସିର କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଏମ୍‌ପି, ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

